# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 05 January – 2026

*******************************

## ମୁଖ୍ୟ ସମ୍ବାଦ

- ସରକାରୀ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସରକାର ପ୍ରତିବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱର–କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କରିଡରର ଅଗ୍ରଗତି ସମ୍ପର୍କରେ ଭୁବନେଶ୍ୱର ଲୋକସେବା ଭବନରେ ନୀତି ଆୟୋଗର ସମୀକ୍ଷା
- ପୁଷ୍ୟାନକ୍ଷେତ୍ର ତିଥିରେ ଶ୍ରୀନଅଁରରେ ଆଜି ଗଜପତି ମହାରାଜଙ୍କର ରାଜ ଅଭିଷେକ ନୀତି ହେବ ଅନୁଷ୍ଠିତ

ଏବଂ

- ପକ୍ଷୀମାନଙ୍କର ସୁରକ୍ଷା ଏବଂ ପରିବେଶ ସନ୍ତୁଳନରେ ସେମାନଙ୍କର ଅବଦାନକୁ ନେଇ ଆଜି ପାଳନ କରାଯାଉଛି ଜାତୀୟ ପକ୍ଷୀ ଦିବସ

# ମୁଖ୍ୟମନ୍ତ୍ରୀ–ଅଭିଯୋଗ ଶୁଣାଣି

ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ବ୍ୟବସ୍ଥାକୁ ଲୋକଙ୍କ ଅତି ନିକଟତର କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆୟୋଜିତ ୧୬ତମ ଶୁଣାଣି କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରି ସମସ୍ୟାର ସମାଧାନ କରିଛନ୍ତି। ଜନଶୁଣାଣି, ପାରଦର୍ଶୀ ପ୍ରଶାସନ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଉପରେ ଆଧାରିତ ବ୍ୟବସ୍ଥା ଆଜି ସାଧାରଣ ଲୋକଙ୍କ ନିକଟରେ ପହଁଞ୍ଚିପାରିଛି। ଏହି ସରକାରରେ କେହି ଜଣେ ବି ଯେପରି ନ୍ୟାୟରୁ ବଞ୍ଚିତ ନ ହେବେ ସେଥିପାଇଁ ସବୁ ପ୍ରକାର ପ୍ରୟାସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦେବା ତାଙ୍କ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନତାଙ୍କ ଅକୁଣ୍ଠ ବିଶ୍ୱାସ ଓ ଆସ୍ଥା ହିଁ ପ୍ରତିଦିନ ନିରନ୍ତର ସେବା କରିବା ପାଇଁ ଅପାରଶକ୍ତି ଯୋଗାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଏଥିସହ ଲୋକଙ୍କ ସମସ୍ୟାର ସମାଧାନ କରି ଉତ୍ତମ ନାଗରିକ ସେବା ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ସୁରେଶ

ପୂଜାରୀ, ରବି ନାରାୟଣ ନାୟକ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ଡକ୍ଟର ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୁରଜ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ  ଏହି ଅଭିଯୋଗ ଶୁଣାଣି ଶିବିରରେ  ଉପସ୍ଥିତ ଥିଲେ।

HS

# ଅର୍ଥନୈତିକ ରିଜିଅନ୍

ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଭୁବନେଶ୍ୱର–କଟକ–ପୁରୀ–ପାରାଦ୍ୱୀପକୁ ନେଇ ଗଠିତ ଅର୍ଥନୈତିକ ରିଜିଅନ୍ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ୨୦୩୬ ଓ ୨୦୪୭ ଭିଜନ୍ କାର୍ଯ୍ୟକାରୀ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ ବୋଲି ଶ୍ରୀ ସୁବ୍ରମଣ୍ୟମ  ସୂଚନା ଦେଇଛନ୍ତି। ଏଥିସହ ଆଦିବାସୀଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି। ଯୁବଗୋଷ୍ଠୀଙ୍କ କାର୍ଯ୍ୟଦକ୍ଷତା ଓ ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଅକ୍ଷୟ ଶକ୍ତି ଗ୍ରୀନ୍ ଏନର୍ଜି ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତି କରାଯିବା ସହ ସ୍ୱତନ୍ତ୍ର କମିଟି ଗଠନ କରାଯିବ ବୋଲି ଶ୍ରୀ ସୁବ୍ରମଣ୍ୟମ କହିଛନ୍ତି।

Puri

# ଶ୍ରୀମନ୍ଦିର ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ ଶ୍ରୀମନ୍ଦିର ଭିତରେ ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥାକୁ ନେଇ ଗତକାଲି ଘଟିଥିବା ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାଢ଼ି କହିଛନ୍ତି, ଘଟଣାର ତଦନ୍ତ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ମଧ୍ୟ ଘଟଣା ସମ୍ପର୍କରେ ତର୍ଜମା କରିବେ। ତଥ୍ୟ ଓ ପ୍ରମାଣ ଆଧାରରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଗାମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟିବ ସେ ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ପାଳିଆ ସେବକଙ୍କ ବ୍ୟତୀତ ଶ୍ରୀମନ୍ଦିର ଭିତରକୁ ଆଉ କେହି ମୋବାଇଲ ଫୋନ୍ ନେଇପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରୋଟୋକଲ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ରେକର୍ଡ ରଖାଯିବ। ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଜେ.ଟି.ପି. ଓ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ପଦବୀ ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯିବ। ପ୍ରତି ମାସରେ ଶ୍ରୀମନ୍ଦିର ସହିତ ଜଡ଼ିତ ସମସ୍ତ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ବୈଠକ ଅନୁଷ୍ଠିତ ହେବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

Desk

## ଆମ ବସ୍ ସେବା

'ଆମ୍ ବସ୍' ସେବା ସୁରକ୍ଷା ପରିଚାଳନା ପାଇଁ ପରିବହନ କମିଶନର ଅମିତାଭ ଠାକୁର ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଯାତ୍ରୀମାନଙ୍କ

ସହ ଆମ ବସ୍‌ରେ ଯାତ୍ରା କରି ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଛନ୍ତି। ବସ୍ ଧାର୍ଯ୍ୟ ସମୟରେ ପହଞ୍ଚିବାରେ ବିଳମ୍ବ ହେଲେ ମଧ୍ୟ ଚାଳକଙ୍କୁ ବେଗ ବୃଦ୍ଧି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ନାଗରିକ ଯାତ୍ରା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ଠାକୁର ଅବଗତ ହୋଇଛନ୍ତି। ଆଗାମୀ ଦିନରେ ବସ୍ ସେବାକୁ ଅଧିକ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଠାକୁର କହିଛନ୍ତି।

Ganjam

## ଆମ ବସ୍ ଯାଞ୍ଚ

ବ୍ରହ୍ମପୁରସ୍ଥିତ ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ 'ଆମ୍ ବସ୍'ଗୁଡ଼ିକୁ ଯାଞ୍ଚ କରାଯାଉଛି। ମଦ୍ୟପାନ କରି ବସ୍ ଚଳାଉଥିବା ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କ୍ରୁଟ୍ ପକ୍ଷରୁ ବ୍ରହ୍ମପୁରରେ ୨୦ଟି ଆମ୍ ବସ୍ ଚଳାଚଳ କରୁଛି।

Desk

## ଜଣ୍ଡିସ ଅନୁଧ୍ୟାନ

ଖୋର୍ଦ୍ଧାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣାର ଅନୁଧ୍ୟାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଟିମ୍ ବିଦ୍ୟାଳୟ ଗସ୍ତ କରିଛନ୍ତି। ଭୁବନେଶ୍ୱରରୁ  ଯାଇଥିବା ଏହି ତିନି ଜଣିଆ ଟିମ୍ ସ୍ଥିତି ଅନୁଧ୍ୟାନ କରି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବେ ବୋଲି ଜନସ୍ୱାସ୍ଥ୍ୟ

ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ତେବେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯାଉଛି ବୋଲି ଡାକ୍ତର ମିଶ୍ର କହିଛନ୍ତି।

Puri

# ପୁଷ୍ୟାଭିଷେକ ନୀତି

ପୁରୀ ଶ୍ରୀନଅରରେ ଆଜି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବଙ୍କ ରାଜଅଭିଷେକ ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜ ସିଂହାସନ ଆରମ୍ଭ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଶ୍ରୀନଅରରେ ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା ପୂଜା, ବଡ଼ଧନୀ କଳସୀ ପୂଜା ଏବଂ ରାମାଭିଷେକ ପଟ୍ଟିପୂଜା ଅନୁଷ୍ଠିତ ହେବ। ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯିବ। ଏହି ଅବସରରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯିବାର ବିଧି ରହିଛି। ସେହିପରି ଗଜପତି ତାଙ୍କର ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ୧୬ ଶାସନ ବ୍ରାହ୍ମଣ ଏବଂ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହିତ ଗଜପତି ଆଶୀର୍ବାଦ କରିବେ।

Desk

# ପକ୍ଷୀ ଦିବସ

ପକ୍ଷୀମାନଙ୍କର ସୁରକ୍ଷା ଏବଂ ପରିବେଶ ପ୍ରତି ତାଙ୍କର ଅବଦାନ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ପକ୍ଷୀ ଦିବସ ପାଳନ

କରାଯାଉଛି । ପରିବେଶର ସନ୍ତୁଳନ ପାଇଁ ପକ୍ଷୀମାନଙ୍କୁ ମାନବ ସମାଜର ବନ୍ଧୁ ମଧ୍ୟ କୁହାଯାଇଥାଏ। ବର୍ତ୍ତମାନ ସମୟରେ ଅନେକ ପ୍ରଜାତିର ପକ୍ଷୀ ଯଥା– ଚିଲ, ଶାଗୁଣା ଆଦି ବିଲୁପ୍ତ ପ୍ରାୟ ହେଲେଣି। ପକ୍ଷୀ ବଂଶକୁ ରକ୍ଷା କରିବା ଏବଂ ସେମାନଙ୍କର ବଂଶବୃଦ୍ଧି କରିବା ପାଇଁ ଆଜିର ପକ୍ଷୀ ଦିବସ ପାଳନ ପାଇଁ ପୃଥିବୀର ଅନେକ ରାଷ୍ଟ୍ର ସହମତି ପ୍ରଦାନ କରିଛନ୍ତି। ଜାତୀୟ ପକ୍ଷୀ ଦିବସ ସମ୍ପର୍କରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଆକାଶବାଣୀକୁ କହିଛନ୍ତି...

**- V/O -**

ଏକ ଆକଳନ ଅନୁସାରେ ଭାରତରେ ପ୍ରାୟ ୧ ହଜାର ୩୦୦ ପ୍ରଜାତିର ପକ୍ଷୀ ବାସ କରନ୍ତି। ଯାହାକି ବିଶ୍ୱର ପକ୍ଷୀ ସଂଖ୍ୟାର ପ୍ରାୟ ୧୩ ପ୍ରତିଶତ ଅଟେ। ଗତ ବର୍ଷ ଶୀତଋତୁରେ ଓଡ଼ିଶାକୁ ୨୩ ଲକ୍ଷ ୫୫ ହଜାର ୮୫୦ଟି ବିଦେଶୀ ପକ୍ଷୀ ଆସିଥିଲେ। ଚିଲିକା ଡିଭିଜନ୍‌କୁ ସର୍ବାଧିକ ୧୧ ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀ ଆସିଥିବା ତଥ୍ୟରୁ ଜଣାପଡ଼ିଛି।

ରାଜ୍ୟ ପର୍ଯ୍ୟଟନ, ଜଙ୍ଗଲ, ପରିବେଶ  ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚିଲିକାଠାରେ ଆସନ୍ତାକାଲିଠାରୁ ପକ୍ଷୀ ମହୋତ୍ସବ ଆୟୋଜିତ ହେବ । ଏହି ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ ସହ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

Desk

## ସମ୍ବଲପୁର– ବାଘ

ସମ୍ବଲପୁର ଜିଲ୍ଲାରେ ଥିବା ଦେବ୍ରୀଗଡ଼ ଅଭୟାରଣ୍ୟକୁ ଦୁଇଟି ନୂଆ ବାଘ ଖୁବ୍‌ଶୀଘ୍ର ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ସହିତ ଆଲୋଚନା ଜାରି ରହିଛି। ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟକୁ ଦୁଇଟି ବାଘ ଅଣାଯାଇଥିଲା।

Rayagada

## ସଫେଇ କାର୍ଯ୍ୟକ୍ରମ

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଡି.ଏଫ୍.ଓ. କାର୍ଯ୍ୟାଳୟ ପରିସରରୁ ମା’ ମଝିଘରିଆଣି ମନ୍ଦିର ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲା ବନ ଅଧିକାରୀ, ରେଞ୍ଜର, ଜିଲ୍ଲା ଅବକାରୀ ବିଭାଗର ଅଧୀକ୍ଷକ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

DHNKL

## ଢେଙ୍କାନାଳ ମହୋତ୍ସବ

ଢେଙ୍କାନାଳ ମହୋତ୍ସବ ପାଇଁ କପିଳାସଠାରେ ୮ଟି ବ୍ଲକର ରଥକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ

କରିଛନ୍ତି। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ମହୋତ୍ସବ ପାଇଁ ରଥଗୁଡ଼ିକ ବ୍ଲକର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସଚେତନ କରାଇବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏହି ମହୋତ୍ସବ ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ।

Ganjam

## ଦକ୍ଷିଣ ଓଡ଼ିଶା ନାଟକ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗୋସାଇଁ ନୂଆଗାଁସ୍ଥିତ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ୩୫ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଆସନ୍ତା ବୁଧବାର ଦିନ ଠାରୁ ଆରମ୍ଭ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତିଦିନ ଦୁଇଟି ଲେଖାଏଁ ନାଟକ ମଞ୍ଚସ୍ଥ କରାଯିବ। ତିନିଦିନରେ ମୋଟ୍ ୬ଟି ନାଟକ ମଞ୍ଚସ୍ଥ ହେବାକୁ ଥିବା ବେଳେ ଉଦ୍‌ଯାପନୀ ଦିବସରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ହେବ ବୋଲି ଜିଲ୍ଲା ମଞ୍ଚ କଳାକାର ପକ୍ଷରୁ କୁହାଯାଇଛି।

Ganjam

## ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ପ୍ରଥମ ଦିନରେ ଯୋଗ ଅଭ୍ୟାସ ସହିତ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ସ୍ୱେଚ୍ଛାସେବୀ ମାନେ ଜାତୀୟ ସେବା ଯୋଜନାର ପୋଷ୍ୟ ଗ୍ରାମ ଅନ୍ତରବାଟିଆଠାରେ ସଚେତନମୂଳକ

କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ, ସୁସ୍ଥତା, ପରିବେଶ ପ୍ରତି ସଚେତନ ହେବାକୁ ଶିବିରରେ ପରାମର୍ଶ ଦିଆଯାଇଥିଲା ।

Desk

# ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜିଠାରୁ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଆସନ୍ତା ଦୁଇ ଦିନ ରାଜ୍ୟରେ କୁହୁଡ଼ି ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ଅତ୍ୟଧିକ ଘନକୁହୁଡ଼ିର ଆଶଙ୍କା କରି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବିଶେଷ କରି ବିମାନ ଓ ରେଳ ସେବା ପ୍ରଭାବିତ ହେବାକୁ ଥିବାରୁ ଏ ଦିଗରେ ପଦକ୍ଷେପ ନିଆଯାଉଛି । ଜାତୀୟ କିମ୍ବା ରାଜ୍ୟ ରାଜପଥରେ ଯାଉଥିବା ଚାଳକମାନେ ଫଗ୍ ଲାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।